# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 30 January - 2025

### News Editor : Itishree Singh Rathaur

********************************

## ମୁଖ୍ୟ ସମ୍ବାଦ

- ସଂସଦର ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ; ଅନୁଷ୍ଠିତ ହେଲା ସର୍ବଦଳୀୟ ବୈଠକ

- ରାଜ୍ୟର ରାସନକାର୍ଡ ହିତାଧିକାରୀଙ୍କ ପାଇଁ ଇ-କେଓ୍ୱାଇସି କରିବାର ଅବଧି ଆସନ୍ତା ମାସ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି

- ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପୁଣ୍ୟତିଥିରେ ଦେଶବ୍ୟାପୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ

ଏବଂ

- ବିକଶିତ ଗାଁ-ବିକଶିତ ଓଡ଼ିଶା ପାଇଁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବିସ୍ତୃତ ମାର୍ଗଦର୍ଶିକା ଜାରି

## ସଂସଦ ସର୍ବଦଳୀୟ ବୈଠକ

ସଂସଦର ବଜେଟ୍ ଅଧିବେଶନ ପୂର୍ବରୁ ନୂଆଦିଲ୍ଲୀରେ ସର୍ବଦଳୀୟ ବୈଠକ ଆଜି ଅନୁଷ୍ଠିତ ହେଉଛି। ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା, ସଂସଦୀୟ ବ୍ୟାପାର ମନ୍ତ୍ରୀ କୀରେନ ରିଜିଜୁ, କଂଗ୍ରେସ ସାଂସଦ ଜୟରାମ ରମେଶ ଏବଂ ଗୌରବ ଗୋଗୋଇ, ଟିଏମ୍‌ସି ସାଂସଦ ସୁଦୀପ ବନ୍ଦୋପଧାୟ, ସମାଜବାଦୀ ପାର୍ଟି ସାଂସଦ ରାମଗୋପାଳ ଯାଦବ, ବିଜେଡିର ସସ୍ମିତ ପାତ୍ର ଏବଂ ଅନ୍ୟମାନଙ୍କ ମଧ୍ୟରେ ଡିଏମ୍‌କେର ଟି.ଆର.ବାଲୁ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଅଛନ୍ତି। ସଂସଦ ଅଧିବେଶନର କାର୍ଯ୍ୟକୁ  ସୁରୁଖୁରୁରେ ଚଳାଇବା ନେଇ କେନ୍ଦ୍ର ସରକାର ସମସ୍ତ ରାଜନୈତିକ ଦଳଙ୍କ  ସହଯୋଗ ଲୋଡିଛନ୍ତି।

ସୂଚନାଯୋଗ୍ୟ, ସଂସଦର ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି। ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ। ଆସନ୍ତା ଶନିବାର ୧ ତାରିଖରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସାଧାରଣ ବଜେଟ୍ ଉପସ୍ଥାପନ କରିବେ।

## ଇ-କେୱାଇସ

ରାସନକାର୍ଡ ହିତାଧିକାରୀଙ୍କ ପାଇଁ ଇ-କେୱାଇସି କରିବାର ସମୟ ସୀମାକୁ ଆସନ୍ତା ମାସ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ଶ୍ରୀ ପାତ୍ର କହିଛନ୍ତି,

ହିତାଧିକାରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ଆସନ୍ତାକାଲି ପର୍ଯ୍ୟନ୍ତ ଏଥିପାଇଁ ସମୟସୀମା ଧାର୍ଯ୍ୟ କରାଯାଇଥିଲା । ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି....

# - V/O –

## ବିକଶିତ ଗାଁ-ବିକଶିତ ଓଡ଼ିଶା

'ବିକଶିତ ଗାଁ-ବିକଶିତ ଓଡ଼ିଶା' ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି । ଏହି ଯୋଜନାରେ ଗ୍ରାମୀଣ ଭିତ୍ତିଭୂମି ଓ ବ୍ଲକ୍ ସ୍ତରରେ ବାର୍ଷିକ ଉନ୍ନତିମୂଳକ କାର୍ଯ୍ୟପାଇଁ ଯୋଜନା କରାଯିବ । ଆସନ୍ତା ମାସ ୧୫ ତାରିଖ ସୁଦ୍ଧା ପ୍ରତି ଗ୍ରାମରେ ୫ ବର୍ଷିଆ ଯୋଜନା ତାଲିକା ପ୍ରସ୍ତୁତ ପାଇଁ ଜିଲ୍ଲାପାଳ ଓ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମାର୍ଗଦର୍ଶିକା ଅନୁଯାୟୀ, ପଛୁଆ ଓ ଆଦିବାସୀବହୁଳ ଅଂଚଳକୁ ଏହି ଯୋଜନାରେ ସର୍ବାଧିକ ଗୁରୁତ୍ୱ ଦିଆଯିବ । ମୋଟ୍ ପାଣ୍ଠିର ୪୦ ପ୍ରତିଶତ ଅର୍ଥ ବ୍ଲକ୍‌ରେ ଓ ପଞ୍ଚାୟତକୁ ମିଳିଥିବା ମୋଟ୍ ପାଣ୍ଠିର ୩୫ ପ୍ରତିଶତ ରାସ୍ତା ନିର୍ମାଣରେ ଖର୍ଚ୍ଚ କରାଯିବ । ସମସ୍ତ ପଞ୍ଚାୟତ ଗ୍ରାମସଭା ମାଧ୍ୟମରେ ତାଲିକା ପ୍ରସ୍ତୁତ କରିବା ନେଇ ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି । ୨୦୨୪-୨୫ ଆର୍ଥିକବର୍ଷରେ ବିକଶିତ ଗାଁ-ବିକଶିତ ଓଡ଼ିଶା ପାଇଁ ବଜେଟ୍‌ରେ ରାଜ୍ୟ ସରକାର ହଜାରେ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି ।

## ପଦବୀ ପୂରଣ

ରାଜ୍ୟରେ ଆସନ୍ତା ୨ ବର୍ଷ ମଧ୍ୟରେ ୬୫ ହଜାର ପଦବୀ ପୂରଣ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ବିଭିନ୍ନ ବିଭାଗରେ ଖାଲି ପଡିଥିବା ପଦବୀଗୁଡ଼ିକର ଶୀଘ୍ର ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଖାଲି ପଡିଥିବା ପଦବୀଗୁଡ଼ିକର ସ୍ଥିତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡିଛି।

## ତିରୋଧାନ ଦିବସ-ଗାନ୍ଧିଜୀ

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପୁଣ୍ୟତିଥି ଅବସରରେ ସମଗ୍ର ଦେଶରେ ଆଜି ସହିଦ୍ ଦିବସ ପାଳନ କରାଯାଉଛି। ୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ଜାତିର ପିତାଙ୍କ ପରଲୋକ ହୋଇଥିଲା। ନୂଆଦିଲ୍ଲୀର ମହାତ୍ମା ଗାନ୍ଧୀଙ୍କ ସ୍ମୃତିପୀଠ ରାଜଘାଟଠାରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ୩ ସେନାର ମୁଖ୍ୟ  ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସର୍ବଧର୍ମ ପ୍ରାର୍ଥନା ସଭାରେ ଯୋଗଦେଇଛନ୍ତି।

**ପ୍ରଧାନମନ୍ତ୍ରୀ** ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଗାନ୍ଧିଜୀଙ୍କ ଆଦର୍ଶ ଏକ ବିକଶିତ ଭାରତ ନିର୍ମାଣରେ ଆମକୁ ପ୍ରେରଣା ଦେଉଛି। ଦେଶ ପାଇଁ ବଳିଦାନ ଦେଇଥିବା ଶହୀଦଙ୍କୁ ଏହି ଅବସରରେ ଶ୍ରୀ ମୋଦୀ ଶ୍ରଦ୍ଧାଞ୍ଜଳି ଦେବା ସହିତ ସେମାନଙ୍କର ସ୍ମୃତିଚାରଣ କରିଛନ୍ତି।

ଗାନ୍ଧିଜୀଙ୍କ ତିରୋଧାନ ଦିବସରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଗାନ୍ଧିଜୀଙ୍କ ଶାନ୍ତି, ସତ୍ୟ, ଅହିଂସା, ସାମାଜିକ ନ୍ୟାୟ ସମଗ୍ର ଦେଶ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି ।

ତାଙ୍କର ଜୀବନ, ଉପଦେଶ ସମସ୍ତଙ୍କ ପାଇଁ ଏକ ମାର୍ଗଦର୍ଶକ ସିଦ୍ଧାନ୍ତ ବୋଲି **କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧ୍ୟମରେ କହିଛନ୍ତି ।

## ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ରାଜ୍ୟସ୍ତରୀୟ ତିରୋଧାନ ଦିବସ ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ପାଳିତ ହୋଇଛି । ସଭାରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ଉପସ୍ଥିତ ରହି ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏହି ଅବସରରେ ଏକ ପ୍ରାର୍ଥନାସଭା ସହ ପୋଲିସ୍ ବାହିନୀ ଦ୍ୱାରା ସହିଦ୍‌ଙ୍କୁ ସମ୍ମାନ ପ୍ରଦର୍ଶନ କରାଯାଇଥିଲା ।

## ତିରୋଧାନ ଦିବସ-ଗାନ୍ଧୀଜି

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ **ଭଦ୍ରକ** ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ନିରବ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାର ଗାନ୍ଧୀ ପଡିଆଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମାଲ୍ୟାର୍ପଣ ଦେଇଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ସମେତ ବିଭିନ୍ନ

ବର୍ଗର ଜନସାଧାରଣ ଯୋଗଦେଇ ଗାନ୍ଧିଜୀଙ୍କ ଅହିଂସା ଓ ଓଡ଼ିଶା ଆଗମନ ସମୟରେ ଜିଲ୍ଲାରେ ତାଙ୍କର ରହଣୀକୁ ନେଇ ସ୍ମୃତିଚାରଣ କରିଥିଲେ ।

**ରାୟଗଡ଼ା** ଜିଲ୍ଲାରେ ତିରୋଧାନ ଦିବସ ଅବସରରେ  ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସହିଦ୍ ଦିବସ ପାଳନ କରାଯାଉଛି । ସହିଦ୍‌ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସେମାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା ।

## ଉତ୍କର୍ଷ ଓଡ଼ିଶା–ମେକ୍ ଇନ୍ ଓଡ଼ିଶା

ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା ସମ୍ମିଳନୀର ପ୍ରଦର୍ଶନୀ ମଣ୍ଡପଗୁଡ଼ିକୁ ସାଧାରଣ ଜନତା ବୁଲି ଦେଖୁଛନ୍ତି । ଆସନ୍ତାକାଲି ମଧ୍ୟ ପ୍ରଦର୍ଶନୀ ଖୋଲା ରହିବ । ସୂଚନାଯୋଗ୍ୟ, ଦୁଇଦିନିଆ ସମ୍ମିଳନୀ ଗତକାଲି ଉଦ୍‌ଯାପିତ ହୋଇଛି । ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ଲକ୍ଷ୍ୟରେ ବିଭିନ୍ନ ଶିଳ୍ପଗୋଷ୍ଠୀ ସହ ୧୪୫ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

## ମୋହନ ଭାଗବତ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ମୋହନ ଭାଗବତ ୫ ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି । ଶ୍ରୀ ଭାଗବତ ଆଜି ଜୟଦେବ ଭବନରେ ଆରଏସ୍ଏସ୍ ସଂଘର ପୂର୍ବତନ ପ୍ରାନ୍ତ ସଂଘ ଚାଳକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏକ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେବେ । ଆସନ୍ତାକାଲି ଓ ସୋମବାର ୩ ତାରିଖ ପର୍ଯ୍ୟନ୍ତ ଉତ୍କଳ

ବିପନ୍ନ ସହାୟତା ସମିତିର ସାଂଗଠନିକ କାର୍ଯ୍ୟର ସମୀକ୍ଷା ବୈଠକରେ ଯୋଗଦେବେ ବୋଲି ଜଣାପଡିଛି ।

## ମୋଟରଯାନ ଫିଟ୍‌ନେସ୍

ମୋଟରଯାନ ଫିଟ୍‌ନେସ୍ ପରୀକ୍ଷାକୁ ତ୍ରୁଟିଶୂନ୍ୟ କରିବାକୁ  ରାଜ୍ୟରେ ପ୍ରଥମ ସ୍ୱୟଂକ୍ରିୟ ଯାନ ପରୀକ୍ଷଣ ବ୍ୟବସ୍ଥା କଟକ ଆରଟିଓ ଅଧିନରେ ସ୍ଥାପନ କରାଯାଇଛି । ବୈଷୟିକ ଜ୍ଞାନକୌଶଳ ଜରିଆରେ ସ୍ୱୟଂକ୍ରିୟ ପଦ୍ଧତିରେ ଏହା ଗାଡିର ଫିଟ୍‌ନେସ୍ ପରୀକ୍ଷା କରିବ । କେନ୍ଦ୍ରୀୟ ମୋଟରଯାନ ନିୟମ ଅନୁଯାୟୀ ଗାଡ଼ିର ଫିଟ୍‌ନେସ୍ ପରୀକ୍ଷା ପାଇଁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ଖୁବ୍ ଶୀଘ୍ର ରାଜ୍ୟର ବିଭିନ୍ନ ସ୍ଥାନରେ  ୨୧ରୁ ଊର୍ଦ୍ଧ୍ୱ ଏଟିଏସ୍ ସ୍ଥାପନର ଲକ୍ଷ୍ୟ ରଖାଯାଇଛି । ଏହି ପରୀକ୍ଷଣ ବ୍ୟବସ୍ଥାକୁ ସ୍ୱଚ୍ଛ ଏବଂ ପାରଦର୍ଶୀ କରିବାକୁ ଫିଟ୍‌ନେସ୍ ପରୀକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଯାହାଦ୍ୱାରା ସଡକ ଦୁର୍ଘଟଣା ହ୍ରାସ କରାଯାଇ ପାରିବ ।

## ପିଏମ୍-ଆବାସ

**ନବରଙ୍ଗପୁର** ଜିଲ୍ଲାର ୧୦ଟି ବ୍ଲକ୍‌ର ୧୮୯ଟି ପଞ୍ଚାୟତରେ ଆଜି ପିଏମ୍-ଆବାସ ପାଇଁ ସର୍ଭେ କାର୍ଯ୍ୟ କରାଯାଉଛି । ସର୍ଭେ ପାଇଁ ୪୮୧ ଜଣ ନିୟୋଜିତ ହୋଇଛନ୍ତି । ସେମାନେ ସମସ୍ତଙ୍କ ଘରକୁ ଯାଇ ସର୍ଭେ କରୁଛନ୍ତି । ଆବଶ୍ୟକତା ଅନୁଯାୟୀ ଅଗ୍ରାଧିକାର ଭିତ୍ତିରେ ବ୍ୟକ୍ତିମାନଙ୍କୁ ଆବାସ ଯୋଗାଇ ଦିଆଯିବ ।  ସର୍ଭେ ସମୟରେ ଆଧାରକାର୍ଡ, ଜବ୍‌କାର୍ଡ ଏବଂ ବ୍ୟାଙ୍କ ପାସ୍‌ବୁକ୍ ନମ୍ବର ସହ ଆବଶ୍ୟକୀୟ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯାଉଛି । ଯେଉଁ ସ୍ଥାନରେ

ଆବାସ କରିବାକୁ ଚାହୁଛନ୍ତି, ସେହି ସ୍ଥାନରେ ଫଟୋ ଉଠାଯାଇ ଅପ୍‌ଲୋଡ୍ କରାଯାଉଛି। ପ୍ରତ୍ୟେକ ଆଶାୟୀଙ୍କ ଠାରୁ ତଥ୍ୟ ସଂଗ୍ରହ କରିବା ପରେ ଆବାସ ପ୍ଲସ୍ ଆପ୍‌ରେ ଅପ୍‌ଲୋଡ୍ କରାଯାଉଛି।

## ଗାଁ କଲ୍ୟାଣ ସମିତି ସମ୍ମିଳନୀ

**ନୟାଗଡ଼** ଜିଲ୍ଲା ପଠାଣି ସାମନ୍ତ ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ଦାସ ଯୋଗଦେଇ ଜିଲ୍ଲାରେ ମୋଟ ୯୫୯ ଜଣ ଆଶା, ୬୪ଟି ସ୍ଥିରୀକୃତ କାର୍ଯ୍ୟରେ ନିୟୋଜିତ ହୋଇ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକୁ ସ୍ୱଚ୍ଛ, ସରଳ ଏବଂ କ୍ରିୟାଶୀଳ କରିବାରେ ଆଶାକର୍ମୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତୃଣମୂଳ ସ୍ତରରେ  ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଶାକର୍ମୀମାନଙ୍କର ଭୂମିକାକୁ ଜିଲ୍ଲାପାଳ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରତି ବ୍ଲକରୁ ଗୋଟିଏ ଶ୍ରେଷ୍ଠ ଗାଁ କଲ୍ୟାଣ ସମିତିକୁ ପୁରସ୍କୃତ କରାଯାଇଛି।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ପୁରୁଷ ବର୍ଗ ପ୍ରତିଯୋଗିତାରେ ସେମିଫାଇନାଲ୍ ପର୍ଯ୍ୟାୟ ତାଲିକା ଚୂଡ଼ାନ୍ତ ହୋଇଛି । ଶ୍ରାଚି ରାହ ବେଙ୍ଗଲ୍ ଟାଇଗର୍ସ, ହାଇଦ୍ରାବାଦ ତୋଫାନ୍ସ, ସୁର୍‌ମା ହକି କ୍ଲବ୍ ଏବଂ ତାମିଲ୍‌ନାଡୁ ଡ୍ରାଗନ୍ସ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ସେମିଫାଇନାଲ୍‌ରେ

ଆସନ୍ତାକାଲି ତାମିଲ୍‌ନାଡୁ ଡ୍ରାଗନ୍ସ ଓ ବେଙ୍ଗଲ୍ ଟାଇଗର୍ସ ଏବଂ ସୁର୍‌ମା ହକି କ୍ଲବ୍ ଓ ହାଇଦ୍ରାବାଦ ତୋଫାନ୍ସ ମଧ୍ୟରେ ଖେଳାଯିବ ।

*********************************